## ସଂକ୍ଷେପରେ

### ରାଜନୈତିକ ହିଂସାରୁ ସଂଘବଦ୍ଧ ଆକ୍ରମଣ: ଜଣେ ଗିରଫ

**ଭଦ୍ରକ ଅଫିସ, ୧୧।୨:** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ହରସିଂପୁର ପଞ୍ଚାୟତର ବାରବାଟିଆ ଶୁଣ୍ଡିସାହିରେ ଗୁରୁବାର ଅପରାହ୍ଣରେ ରାଜନୈତିକ ହିଂସା ଘଟିଛି। ସଂଘବଦ୍ଧ ଆକ୍ରମଣରେ ବିଶ୍ୱନାଥ ପରିଡ଼ା ନାମକ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ନେଇ ପୀରହାଟ ପୋଲିସ ୨ଟି ମାମଲା ରୁଜୁ କରି ସୁଶାନ୍ତ ଜେନା ନାମକ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ଦୁଇପକ୍ଷଙ୍କ ମଧ୍ୟରେ ବାକ୍‌ବିତଣ୍ଡା ଓ ସାମୟିକ ଗଣ୍ଡଗୋଳକୁ ନେଇ ବିଶ୍ୱନାଥ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ ମଧ କରିଥିଲା। ସେ ଘରକୁ ଫେରୁଥିବା ବେଳେ ଗାଁ ଦାଣ୍ଡରେ ଅପରପକ୍ଷରୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବାପା ଅଭିମନ୍ୟୁଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା(ନଂ.୧୯/୨୨) ରୁଜୁ କରିଛି। ଅପରପକ୍ଷରୁ ପ୍ରତିମା ଜେନାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅନ୍ୟ ଏକ ମାମଲା(ନଂ.୨୦/୨୨) ରୁଜୁ କରିଛି। ତାଙ୍କ ସ୍ୱାମୀ ପ୍ରଶାନ୍ତ ଜେନା ଘରକୁ ଫେରୁଥିବା ବେଳେ ଅପରପକ୍ଷ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି।

### ବ୍ୟାସଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

**ଭଦ୍ରକ ଅଫିସ, ୧୧।୨:** ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ଶୁକ୍ରବାର ପୂର୍ବତନ ସମ୍ପାଦକ ପୁଣ୍ୟାତ୍ମା ଈଶ୍ୱରଲାଲ ବ୍ୟାସଙ୍କ ୫୩ତମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପରମାନନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ପ୍ରାଧାପିକା ଝରଣା ପଟ୍ଟନାୟକ, ଡା. କିରଣ କୁମାର ଗୁଇଁ ଯୋଗଦେଇ ସ୍ୱର୍ଗତ ବ୍ୟାସଙ୍କ ସମାଜସେବା, ସ୍ୱାଧୀନତା ସଂଗ୍ରାମରେ ଅନନ୍ୟ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ୟାସଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ସମ୍ପାଦକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ସଙ୍ଗୀତ ଗୁରୁ ରାମନାରାୟଣ ପଣ୍ଡାଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ପ୍ରଜ୍ଞା ଦାସ ଓ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଭଜନ ଗାନ କରାଯାଇଥିଲା। ଅଧୀକ୍ଷକ ହୃଷୀକେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଶୀମଦ ଜବତ, ୨ ଗିରଫ

**ବାରିପଦା ଅଫିସ,୧୧।୨:** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବେଣାଗଡ଼ିଆ ଓ ସଉରୀ ଗ୍ରାମରେ ଶୁକ୍ରବାର ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ଏଥିସହ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥପୁର ଗ୍ରାମର ହୀରା କିସ୍କୁ ଓ ସଉରୀ ଗ୍ରାମର ବୁଧୁନୀ ଟୁଡୁ। ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା।

# ବାଉଁଶ ବାଡ଼ିରେ ସୁରକ୍ଷା

**ପରଜଙ୍ଗ, ୧୧।୨(ଡି.ଏନ୍.ଏ.)**

ଧସିଯାଇଛି ପୋଲକୁ ଲାଗିଥିବା ଆପ୍ରୋଚ୍ ରୋଡ୍। ସାମାନ୍ୟ ଅସାବଧାନ ହେଲେ ବ୍ରିଜ୍ ତଳକୁ ଖସିପଡ଼ିବ ଯାନବାହନ। ଚାଲିଯିବ ମୂଲ୍ୟବାନ ଜୀବନ। ହେଲେ ମୁଖ୍ୟରାସ୍ତା ଉପରେ ଥିବା ଏଭଳି ବିପଦ ପ୍ରତି ସତେଯେମିତି ଆଖି ବୁଜି ଦେଇଛନ୍ତି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)। ଜୀବନ-ମୃତ୍ୟୁ ମଧ୍ୟରେ ମାତ୍ର କେଇଫୁଟର ବ୍ୟବଧାନ ଥିବାବେଳେ ବାଲିବସ୍ତାରେ ଦୁଇଖଣ୍ଡ ବାଉଁଶ ପୋତି ଏବଂ ବ୍ୟାରିକେଟିଂ ଟ୍ୟାପ୍ ବାନ୍ଧି ଦାୟିତ୍ୱ ସାରିଦେଇଛନ୍ତି ବିଭାଗୀୟ ଅଧିକାରୀ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ହାତୀଲୁଚାଣି ଛକ ନିକଟରେ ଥିବା ବିପଦସଙ୍କୁଳ ଘୋଡାଡ଼ିଆଁ ବ୍ରିଜ୍‌ରେ ଜୀବନକୁ ବାଜି ଲଗାଇ ଦୈନିକ ଶହ ଶହ ଭାରିଯାନ ଚଳାଚଳ କରୁଥିବାବେଳେ ଏଭଳି ପ୍ରଶାସନିକ ଅଣଦେଖାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

ପରଜଙ୍ଗ ବ୍ଲକ ଦେଇ ଯାଇଥିବା ବ୍ୟସ୍ତବହୁଳ ୫୩ନଂ. ଜାତୀୟ ରାଜପଥକୁ ୪ ଲେନ୍ କରାଯାଉଛି। ତାଳଚେର-ପରଜଙ୍ଗ ରାସ୍ତାର ହାତୀଲୁଚାଣି ଛକ ନିକଟ ଘୋଡ଼ାଡିଆଁ ନାଳ ଉପରେ ଥିବା ପୁରୁଣା ବ୍ରିଜ୍ ଗମନାଗମନର ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ଏହି ରାସ୍ତା ଦେଇ ଦୈନିକ ଶତାଧିକ ଭାରିଯାନ ଚଳାଚଳ କରୁଛି। ଫଳରେ ବ୍ରିଜ୍ ନିକଟ ଆପ୍ରୋଚ୍ ରୋଡ୍‌ର ଗୋଟିଏ ପାର୍ଶ୍ୱ ଅତଡ଼ା ଧସିଯାଇଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ଏହାର ବିକଳ୍ପ ବ୍ରିଜ୍ ନିର୍ମାଣ ଚାଲିଥିବାବେଳେ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଅନ୍ୟ ପନ୍ଥା ନ ଥିବାରୁ ଯାତ୍ରୀମାନେ ବିପଦସଙ୍କୁଳ ବ୍ରିଜ୍‌ରେ ଜୀବନକୁ ବିପଦରେ ପକାଇ ଯାତ୍ରା କରିବାକୁ ବାଧ ହେଉଛନ୍ତି।



ବିପଦସଙ୍କୁଳ ପୋଲ ପାର୍ଶ୍ୱକୁ ବାଲିବସ୍ତାରେ ବାଉଁଶ ପୋତି ଘେରାବନ୍ଦୀ କରାଯାଇଛି।

#### ଘୋଡ଼ାଡିଆଁ ନାଳ ପୋଲ ମରଣଯନ୍ତା

ହାତୀଲୁଚାଣି ଛକରୁ ବାରିହାପୁର ଦୁର୍ଗା ମନ୍ଦିରକୁ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଛି। ତେବେ ହାତୀଲୁଚାଣି ଛକରୁ ପରଜଙ୍ଗ ବଜାର ଦେଇ ବାରିହାପୁର ଦୁର୍ଗା ମନ୍ଦିରକୁ ଯୋଡୁଥିବା ମୁଖ୍ୟରାସ୍ତାକୁ ଜନସାଧାରଣ ବହୁଳ ବ୍ୟବହାର କରୁଛନ୍ତି। କାରଣ ଏହି ରାସ୍ତା ପାର୍ଶ୍ୱରେ ପ୍ରମୁଖ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଆଦି ରହିଛି। ହେଲେ ମରାମତି ଅଭାବରୁ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏଥିଲାଗି ଦୈନିକ ଦୁର୍ଘଟଣା ଘଟୁଛି। ଶୋଚନୀୟ ହୋଇପଡ଼ିଥିବା ମୁଖ୍ୟରାସ୍ତା ସମେତ ଧସିଯାଇଥିବା ଆପ୍ରୋଚ୍ ରୋଡ୍‌କୁ ତୁରନ୍ତ ମରାମତି ନ କଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ବିଜେଡିର ପ୍ରଚାର ଆରମ୍ଭ



ପ୍ରଚାରରେ ସାମିଲ ହୋଇଥିବା ପ୍ରାର୍ଥୀ ଏବଂ ବିଜେଡି ନେତୃବୃନ୍ଦ।

**ପରଜଙ୍ଗ, ୧୧।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତିକି ପାଖେଉଛି, ସେତିକି ଚଳଚଞ୍ଚଳ ହେଉଛି ପ୍ରଚାର ମଇଦାନ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଫେବୃୟାରୀ ୨୦ରେ ମତଦାନ ହେବାକୁ ଥିବାବେଳେ ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଶୁକ୍ରବାରଠାରୁ ପ୍ରଚାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ହନୁମାନ ବାଟିକା ପରିସରରୁ ଏକ ଶୋଭାଯାତ୍ରା ବାହାରିଥିଲା। ୨ନଂ. ଜୋନ୍ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ନିରାକାର ପ୍ରଧାନ, ସରପଞ୍ଚ ପ୍ରାର୍ଥିନୀ ଗାୟତ୍ରୀ ମହାପାତ୍ର, ସମିତି ସଭ୍ୟା ପ୍ରାର୍ଥିନୀ ପ୍ରତିମା ବେହେରାଙ୍କ ସହ ଶତାଧିକ କର୍ମୀ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ତଥା ସରପଞ୍ଚ ପ୍ରିୟଜିତ୍ ସାମଲ୍, ସମିତିସଭ୍ୟ ମୀନକେତନ ସାମଲ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

# ଶିରିଡ଼ିରେ ପାଲିଙ୍କି ଶୋଭାଯାତ୍ରା

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବାଟ୍ରଷ୍ଟ ପକ୍ଷରୁ ଶିରିଡ଼ିରେ ଫେବୃୟାରୀ ୧୦ରେ ତୃତୀୟ ଥର ପାଇଁ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଶିରିଡ଼ି ଗ୍ରାମ ପରିକ୍ରମା କରି ଦ୍ୱାରକାମୟୀରେ ପହଞ୍ଚିଥିଲା। ଏଥିରେ ଢେଙ୍କାନାଳ ସମେତ କଟକ, ଖୋର୍ଦ୍ଧା, ପୁରୀ, ଭଦ୍ରକ, ଅନୁଗୋଳ, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ସମ୍ବଲପୁର ଜିଲାର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଧ୍ୟାରେ ସମାଧି ମଣ୍ଡପରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିବା ଟ୍ରଷ୍ଟ ଅଧକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।



ଶୋଭାଯାତ୍ରାରେ ଶିରିଡ଼ି ସାଇଙ୍କ ଅନୁଗାମୀମାନେ।

# ଛୁଆ ଅଜଗର ଉଦ୍ଧାର

**ଯୋଡ଼ା,୧୧।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ଗ୍ରୀଡକୋ ପାୱାର ସବଷ୍ଟେଶନ ନିକଟରୁ ବନବିଭାଗ ଅଢ଼େଇ ଫୁଟ ଲମ୍ବର ଏକ ଛୁଆ ଅଜଗର ସାପକୁ ଉଦ୍ଧାର କରିଛି। ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳେ ଗ୍ରୀଡକୋ ନିକଟସ୍ଥ ଏକ ଅଟୋ ସର୍ଭିସ ସେଣ୍ଟରର କର୍ମଚାରୀମାନେ ଦୋକାନ ଖୋଲିବାକୁ ଯାଇଥିବା ବେଳେ ସେଠାରେ ଏହି ଅଜଗରକୁ ଦେଖିଥିଲେ। ତାକୁ ଏକ ପ୍ଲାଷ୍ଟିକ ଡବାରେ ରଖି ଯୋଡ଼ା ବନପାଳଙ୍କୁ ଖବର ଦେଇଥିଲେ। ବନବିଭାଗ ପକ୍ଷରୁ ଫରେଷ୍ଟଗାର୍ଡ ନୀଲମ ଦୁବେ ଘଟଣାସ୍ଥଳକୁ ଯାଇ ଅଜଗରକୁ ଉଦ୍ଧାର କରି ବୈତରଣୀ ସଂରକ୍ଷିତ ମନମରା ଜଙ୍ଗଲରେ ଛାଡ଼ି ଦେଇଥିଲେ। ଅଜଗରର ଓଜନ ୫୦୦ଗ୍ରାମ ଓ ବୟସ ପ୍ରାୟ ୬ ମାସ ହେବ ବୋଲି ବନପାଳ ପଣ୍ଡା କହିଛନ୍ତି।

# ରାଣୀ ଲକ୍ଷ୍ମୀବାଈ ଆତ୍ମସୁରକ୍ଷା ତାଲିମ



ଆତ୍ମସୁରକ୍ଷା ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶୁକ୍ରବାର ରାଣୀ ଲକ୍ଷ୍ମୀବାଈ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ଦେବାଶିଷ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଆଜିକାର ଛାତ୍ରୀଙ୍କୁ ଯୁଗୋପଯୋଗୀ ହେବାକୁ ପଡ଼ିବ। ଶାରୀରିକ ଏବଂ ମାନସିକସ୍ତରରେ ଶକ୍ତିଶାଳୀ ହେବା ସମୟର ଆହ୍ୱାନ ବୋଲି ସେ ମାର୍ଗଦର୍ଶନ କରିଥିଲେ। ଉଚ୍ଚ ମାଧମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ତପନ କୁମାର ସେଠୀ ଉପସ୍ଥିତ ଥିଲେ। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ବିଷୟରେ ତାଲିମ ଦିଆଯାଇଥିଲା। ହରପ୍ରିୟା ଦାସ, ସରିତା ବିଶ୍ୱାଳ ପ୍ରଶିକ୍ଷକ ଭାବେ ନିୟୋଜିତ ହୋଇଛନ୍ତି। ଡ. ଟୁକୁନି ସାହୁ, ଡ. ସୌମ୍ୟା ନନ୍ଦ ଏବଂ ଡ. ପ୍ରଜ୍ଞା ପାରମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଙ୍ଗଠନିକ ସମସ୍ୟା ସମାଧାନ ନିଷ୍ପତ୍ତି

**ଭୁବନ, ୧୧।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ବିଜେଡିର ଏକ କର୍ମୀ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଚଣ୍ଡୀପୀଠ ନିକଟରେ ବରିଷ୍ଠ ନେତା ବାସୁଦେବ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅନ୍ତର୍ଗତ ୧୫ ୱାର୍ଡର ବହୁ କର୍ମୀ ଉପସ୍ଥିତ ରହି ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ନିର୍ବାଚନ ପରିଚାଳନାରେ ଯୁବପିଢ଼ିଙ୍କୁ ପ୍ରାଧାନ୍ୟ ଦେବା, ପୁରୁଣା କର୍ମୀଙ୍କ ଦାୟିତ୍ୱ ବଣ୍ଟନ, ବିଭିନ୍ନ ୱାର୍ଡର ସାଙ୍ଗଠନିକ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏନ୍‌ଏସିର ପୂର୍ବତନ ଉପାଧକ୍ଷ ମାୟାଧର ସାହୁ, ଏନ୍‌ଏସିର ପୂର୍ବତନ ସଭାପତି ନାରାୟଣ ସାହୁ, ପୂର୍ବତନ ଅଧକ୍ଷ ଜଗନ୍ନାଥ ଗୁରୁ, ପୂର୍ବତନ ଉପାଧକ୍ଷ ହୃଦାନନ୍ଦ ମହାରଣା, ଶ୍ରୀକାନ୍ତ ସାହୁ, ବିପିନ ବିହାରୀ ଦାସ, ସୋମନାଥ ମହାରଣା, ରଙ୍ଗାଧର ସାହୁ ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ ଓ ନେତୃବୃନ୍ଦ।

# ଟଙ୍କା ଫେରସ୍ତ ଦାବି କଲେ କ୍ଷତିଗ୍ରସ୍ତ ଜମାକାରୀ

**ଉଦଳା, ୧୧।୨ (ଡି.ଏନ.ଏ.)**

ପୁଣି ଗର୍ଜିଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ। ଦୁଇ ପଇସା ଲାଭ ପାଇବା ଆଶାରେ ଟଙ୍କା ଜମା କରି କ୍ଷତିଗ୍ରସ୍ତ ହୋଇଥିବା ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଜମାକାରୀମାନେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ତହସିଲଦାରଙ୍କୁ ଭେଟି ଟଙ୍କା ଫେରସ୍ତ ପାଇଁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି କ୍ଷତିଗ୍ରସ୍ତ ଜମାକାରୀ ନିରଞ୍ଜନ ମହାରଣା, ସାବିତ୍ରୀ ଦାସ, ତୁଳସୀ ଦାସ, ମହେନ୍ଦ୍ର ବେହେରା, ନୀହାର ରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ନାଥ ସାହୁ, ଅଭିନ୍ନ ଚନ୍ଦ୍ର ମାଇତି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ରାଧାନାଥଙ୍କ ପୁଣ୍ୟତିଥି ପାଳିତ




କାର୍ଯ୍ୟକ୍ରମରେ ଉଫୁନାର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ,୧୧।୨**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଫୁନା ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଭର୍ଚୁଆଲ୍ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରି କହିଲେ, ରାଧାନାଥ ରଥ ସାମ୍ବାଦିକ ଜଗତର ଭୀଷ୍ମ ପିତାମହ ଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅଧାପକ ହରେକୃଷ୍ଣ କର, ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ପ୍ରଫେସର ଦିଲୀପ ନନ୍ଦ, ସମୀର ସାହୁ, ବିଶ୍ୱନାଥ ମହାପାତ୍ର, ଡମ୍ବରୁଧର ପଣ୍ଡା, ଉପେନ୍ଦ୍ର ରାଉତ, ପୀତବାସ ସାହୁ, ଡ. ଶ୍ରୀନିବାସ ହୋତା, ଡ. ଅଭିନନ୍ଦନ ପଟ୍ଟନାୟକ, ଅବିନାଶ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ସରୋଜ ଶତପଥୀ, ବିଚିତ୍ରାନନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହରପାର୍ବତୀ ଦଳ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ଜିଲା ସଦର ବ୍ଲକ କଙ୍କଡ଼ାହାଡ଼ଠାରେ ଚାଲିଥିବା ୧୭ତମ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତାଳବରକୋଟ ଦଳକୁ ୫୬ ରନ୍‌ରେ ପରାସ୍ତ କରି କଙ୍କଡ଼ାହାଡ଼ ହରପାର୍ବତୀ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହରପାର୍ବତୀ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଜବାବରେ ତାଳବରକୋଟ ଦଳ ୧୭.୪ ଓଭରରେ ୧୬୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ପ୍ରମୋଦ ମହାନ୍ତି, ସମୀର ମହାରଣା ଖେଳ ପରିଚାଳନା କରିଥିଲେ। ବ୍ୟକ୍ତିଗତ ୯୭ ରନ୍ କରିବା ସହିତ ମୂଲ୍ୟବାନ ୩ ଉଇକେଟ ନେଇଥିବା ଚାମ୍ପିୟନ ଦଳର ମନୋଜ କୁମାର ମହାରଣା 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ହର୍ଷବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି କଙ୍କଡ଼ାହାଡ଼ ଗ୍ରାମ କମିଟି ସଭାପତି ଦେବରାଜ ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୫ ହଜାର ଏବଂ ରନର୍ସ ଅପ୍ ଦଳକୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ହରପାର୍ବତୀ ଦଳର ଖେଳାଳିମାନେ।

# 'ଢେଙ୍କା'ଙ୍କ ସ୍ମୃତିରକ୍ଷା ହେଉ

**ଢେଙ୍କାନାଳ ଅଫିସ, ୧୧।୨**

ଐତିହାସିକ ଢେଙ୍କାନାଳ ସହର ପ୍ରତିଷ୍ଠା ପଛରେ ଶବର ରାଜା 'ଢେଙ୍କା'ଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ହେଲେ ଇତିହାସ ସହିତ ଜଡ଼ିତ ଏଭଳି ଜଣେ ବ୍ୟକ୍ତିଙ୍କ ସ୍ମୃତିରକ୍ଷା କରିବା ଲାଗି ପ୍ରଶାସନିକ ତତ୍ପରତା ପ୍ରକାଶ ପାଉନାହିଁ। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛି ଥିଙ୍କର୍ସ ଫୋରମ୍। ଶବର ରାଜା ଢେଙ୍କାଙ୍କ ସ୍ମୃତି ଉଜ୍ଜୀବିତ କରାଇବା ସହ ପୂଜ୍ୟପୂଜାକୁ ଗୁରୁତ୍ୱ ପ୍ରଦାନ କରିବାକୁ ଦାବି କରି ସଙ୍ଗଠନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପାଣି ଓହଳା ପାହାଡ଼ର ପାଦଦେଶରେ ଢେଙ୍କା ପୀଠ ଏବେ ବି ଇତିହାସର ସ୍ମୃତି ବହନ କରେ। ହେଲେ ଏହି ସ୍ଥାନକୁ ଯିବା ଲାଗି ଭଲ ରାସ୍ତାଟିଏ ନାହିଁ। ଜନଜାତି ସଂଗ୍ରହାଳୟ ପାର୍ଶ୍ୱରେ ପୀଠକୁ ଯିବା ଲାଗି ସବୁଦିନିଆ ରାସ୍ତା ନିର୍ମାଣ କରାଗଲେ ଏହାର ଗୁରୁତ୍ୱ ବଢ଼ିବ। ସେଠାରେ ଢେଙ୍କା ରାଜାଙ୍କ ଏକ କାଳ୍ପନିକ ମୂର୍ତ୍ତି, ଢେଙ୍କାନାଳର ଗୌରବ ସମରକବି ବ୍ରଜନାଥ ବଡ଼ଜେନାଙ୍କ ସମେତ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ପୂଜ୍ୟପୂଜାଙ୍କ ପ୍ରତି ସମ୍ମାନ ବୃଦ୍ଧି ପାଇବ। ସାଧାରଣ ନାଗରିକ, ଛାତ୍ରୀଛାତ୍ରଙ୍କ ମନରେ ମହାପୁରୁଷଙ୍କ ପ୍ରତି ଦେଶପ୍ରେମ ଭାବ ଜାଗ୍ରତ ହେବ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି।

ଢେଙ୍କାନାଳ ପ୍ରଜାମେଳି ଆନ୍ଦୋଳନର ଅନ୍ତୁଡ଼ିଶାଳ। ଏହି ମାଟିରେ ବହୁ ବୀର ଜନ୍ମ ହୋଇ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଛନ୍ତି। ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ବୀର ବୈଷ୍ଣବ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶ ଜିଲାର ଗୌରବ ବଢ଼ାଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ଏଭଳି ମହାମନୀଷୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ପଦକ୍ଷେପ ନେବାକୁ ଦାବି କରାଯାଇଛି। ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ, ଜିଲା ପାଠାଗାରକୁ ନିୟମିତ ଖୋଲିବା, ସହରରେ ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର ସ୍ଥାପନ ଲାଗି ଫୋରମ୍ ସଭାପତି ସୌମେନ୍ଦୁ ଶତପଥୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, କୋଷାଧକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ, ସଦସ୍ୟ ସୁଶୀଲ କୁମାର ନନ୍ଦ, ଦେବୀ ପ୍ରସାଦ ପାଣି, ଭୋଜରାଜ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ପତିତପାବନ ରାଉତ, ଶ୍ରୀରାମଚନ୍ଦ୍ର ଦେବତା ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଥିଙ୍କର୍ସ ଫୋରମ୍ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ବସୋଇ ଜିତିଲା ଟାଇଟଲ

**ପରଜଙ୍ଗ, ୧୧।୨(ଡି.ଏନ.ଏ.)**

ପରଜଙ୍ଗ ମିନି ଷ୍ଟାଡିୟମ୍‌ରେ ବଜରଙ୍ଗବଲି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପରଜଙ୍ଗ କ୍ରିକେଟ୍ କ୍ଲବକୁ ହରାଇ ବସୋଇ ଚାମ୍ପିୟନ ହୋଇଛି। ପରଜଙ୍ଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୬ ରନ୍ କରିଥିଲା। ଜବାବରେ ବସୋଇ ୧୧.୨ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦୀପକ ଓ ଅଶ୍ୱିନୀ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ସମ୍ମାନିତ ଅତିଥି ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ନାୟକ, ପୂର୍ବତନ କ୍ରୀଡ଼ାବିତ୍ ପ୍ରସାଦ କୁମାର ସେଠୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ

### କମ୍ପ୍ୟୁଟର ଜ୍ଞାନ ଅପରିହାର୍ଯ୍ୟ

ଢେଙ୍କାନାଳ ଅଫିସ, ୧୧।୨
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଜାତୀୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ରଣଜିତ୍ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଜ୍ଞାନ ବିଜ୍ଞାନ ପାଇଁ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ମୁଖ୍ୟ ପ୍ରଫେସର ଡ. ମାନସ ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଶିନ ଲର୍ଣ୍ଣିଂ, ଏହାର ବିଭିନ୍ନ କୌଶଳ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଏନ୍ଆଇଟି ୱାରାଙ୍ଗଲ କମ୍ପ୍ୟୁଟର ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଭେଙ୍କଟେଶ ରାଓ ମେଶିନ ଲର୍ଣ୍ଣିଂ ପଛରେ କାମ କରୁଥିବା ଆଲଗୋରିଦିମ୍ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କମ୍ପ୍ୟୁଟର ବିଭାଗ ମୁଖ୍ୟ ଦିଲୀପ ନାୟକ, ପାଠଚକ୍ର ସହ ସଂଯୋଜକ ମୁରଲୀଧର ଦଳେଇ, ସସ୍ମିତା ପ୍ରଧାନ, ଦୀପ୍ତିମୟୀ ନାୟକ, ପ୍ରଦୀପ ନାୟକ, ଦେବାଶିଷ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ରଶ୍ମି ମିଶ୍ର, ଡ. ସୁରେଖା ବଳିଆରସିଂ, ଡ. ଦେବାଶିଷ ମହାନ୍ତି, ଡ. ନମିତା କୁମାରୀ ଦାସ, ଡ. ଦେବରାଜ ପରିଡା, ଡ. ଏ.କେ. ଖିଲାର, ଡ. ପ୍ରଶାନ୍ତ ପରିଡ଼ା. ଡ. ରଜନୀକାନ୍ତ ଖୁଣ୍ଟିଆ, ଭୂପେଶ ଚନ୍ଦ୍ର ସାହୁ, ଡ. ଶିବାନନ୍ଦ ସାହୁ, ରଶ୍ମିରଞ୍ଜନ ନାୟକଙ୍କ ସମେତ ବହୁ ଅଧାପିକାଅଧାପକ ଏବଂ ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ।

### ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ବଇଣ୍ଡା,୧୧।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ନାଗାଝରଣ ଗ୍ରାମର କ୍ଷୀରୋଦ ଦେହୁରୀଙ୍କୁ ସେହି ଗ୍ରାମର ନୀର ଦେହୁରୀ, ବୀର ଦେହୁରୀ ମାଡ଼ ମାରିଥିବା ଗୁରୁବାର ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୩୮/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବାହାଘର ଭାର ବାଣ୍ଟିବାକୁ ନେଇ କ୍ଷୀରୋଦ ଓ ନୀରଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ପରେ ଏହି ଘଟଣାକୁ କେନ୍ଦ୍ର କରି ନୀର ଓ ବୀର ମିଶି କ୍ଷୀରୋଦଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ନୀର ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ତାଙ୍କୁ କ୍ଷୀରୋଦ ବିନା କାରଣରେ ମାଡ଼ ମାରିଛନ୍ତି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୧।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ପୋଲିସ ଶୁକ୍ରବାର କୁଶବଣିଆ ସାହିରେ ଚଢ଼ାଉ କରି ଜରପଡା ଥାନା ଜେରେଙ୍ଗ ଗ୍ରାମର ସରୋଜ ମୁଣ୍ଡାଙ୍କଠାରୁ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଏହି ଅଞ୍ଚଳରେ ଆସି ରହିବା ସହ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ହଣ୍ଡପା ପୋଲିସ ଚଢ଼ାଉ କରିଥିଲା। ଏ ନେଇ ନମ୍ବର ୩୭/୨୨ରେ ଏକ ମାମଲା ରୁଜୁ କରି ସରୋଜଙ୍କୁ କୋର୍ଟଚାଲାଣ କରାଯାଇଛି।

### ବାହାରିଲେ ୩୫ ପଜିଟିଭ୍

ଢେଙ୍କାନାଳ ଅଫିସ, ୧୧।୨-ଢେଙ୍କାନାଳ ଜିଲାରୁ ଗୁରୁବାର ୩୫ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୪, ପରଜଙ୍ଗ ବ୍ଲକରୁ ୬, ହିନ୍ଦୋଳରୁ ୪, ଗଁଦିଆରୁ ୪, ଓଡ଼ାପଡ଼ାରୁ ୩, କଙ୍କଡାହାଡ଼ରୁ ୩, ସଦର ବ୍ଲକରୁ ୨, କାମାକ୍ଷାନଗର ବ୍ଲକରୁ ୩ ଓ ଏନ୍ଏସିରୁ ୩ ଏବଂ ଅନ୍ୟାନ୍ୟ ସ୍ଥାନରୁ ୩ଜଣ ଅଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୨ ହଜାର ୨୪୩ରେ ପହଞ୍ଚିଥିବାବେଳେ ୨୧ ହଜାର ୬୮୧ ସୁସ୍ଥ ହୋଇସାରିଲେଣି। ଏବେ ଜିଲାରେ ୩୩୬ ସକ୍ରିୟ ଆକ୍ରାନ୍ତ ଥିବାବେଳେ କୋଭିଡ୍ଜନିତ ମୃତ୍ୟୁସଂଖ୍ୟା ୨୫୬ରେ ପହଞ୍ଚିଛି।

### ବିଶିଷ୍ଟ କବି ପର୍ଶୁରାମ ମହାପାତ୍ରଙ୍କ ସ୍ମୃତିଚାରଣ

ଢେଙ୍କାନାଳ ଅଫିସ, ୧୧।୨-ଢେଙ୍କାନାଳ ସହର କାଠଗଡ଼ାରେ ରହୁଥିବା ବର୍ଷୀୟାନ କବି ତଥା ଔପନ୍ୟାସିକ ପର୍ଶୁରାମ ମହାପାତ୍ରଙ୍କ ଗତ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା।



ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ସ୍ତ୍ରୀ କୁନ୍ତଳା କୁମାରୀ ଦେବୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପର୍ଶୁରାମ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ୧୯୮୪ ରେ ଅବସର ଗ୍ରହଣ କରିଥିଲେ। ସେ ଅନନ୍ୟ ସାରସ୍ୱତ ପ୍ରତିଭାର ଅଧିକାରୀ ଥିଲେ। ସାହିତ୍ୟାନୁରାଗୀ ପର୍ଶୁରାମ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଦେହାନ୍ତରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଏକସଙ୍ଗେ ମିଳୁ ଧାନ ବିକ୍ରି ଟଙ୍କା

## ଜିଲାପାଳଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ

ବଇଣ୍ଡା,୧୧।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ବଇଣ୍ଡା ଶାଖା ପକ୍ଷରୁ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଠିକ୍ ଭାବେ ଯୋଗାଇ ଦିଆଯାଉନାହିଁ। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଧାନ ବିକ୍ରି ବାବଦ ସମସ୍ତ ଟଙ୍କା ଏକସଙ୍ଗେ ପ୍ରଦାନ କରିବା ପାଇଁ ନୁନୁକାପଶି, ଗାଁ ବଇଣ୍ଡା ଅଞ୍ଚଳର ଚାଷୀମାନେ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଚାଷୀମାନେ ଦର୍ଶାଇଛନ୍ତି, ଲୁହାମୁଣ୍ଡା, ହଣ୍ଡପା, ଧଉରାପାଲି, ଉରୁକୁଳା, ରଣିଆକଟା, ଅଙ୍ଗପଡା, ବାମୁର, ରଣିଆକଟା ଆଦି ୮ଟି ସେବା ସମବାୟ ସମିତିରେ ଧାନ ବିକ୍ରି କରିଥିବା ଚାଷୀମାନଙ୍କ ଟଙ୍କା ଏହି ବ୍ୟାଙ୍କରେ ଥିବା ସେମାନଙ୍କ ଆକାଉଣ୍ଟରେ ଡିପୋଜିଟ




ହୋଇଛି। କିନ୍ତୁ ଟଙ୍କା ଉଠାଣରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଠିକ ଭାବେ ଟଙ୍କା ଯୋଗାଇ ଦେଉ ନ ଥିବାବେଳେ ଦିନକୁ ମାତ୍ର ୧୦ ହଜାର ଟଙ୍କା ଉଠାଣ ପାଇଁ ଅନୁମତି ଦିଆଯାଉଥିବା ଚାଷୀମାନେ କହିଛନ୍ତି। ଅନେକ ଚାଷୀ ୩୦ କିଲୋମିଟର ଦୂରରୁ ଟଙ୍କା ଉଠାଣ ପାଇଁ ବସ୍ ଯୋଗେ ବ୍ୟାଙ୍କକୁ ଆସୁଥିବାବେଳେ ଅଳ୍ପ ଟଙ୍କା ଧରି ନିରାଶରେ ଫେରୁଛନ୍ତି। ଏପରି କି ପୁଅ ଓ ଝିଅ ବିବାହ ଥିଲେ ମଧ୍ୟ ଚାଷୀମାନଙ୍କୁ ଧାନ ବାବଦ ସବୁ ଟଙ୍କା ମିଳିପାରୁ ନାହିଁ। ତୁରନ୍ତ ଚାଷୀଙ୍କ ଧାନ ବିକ୍ରି ଟଙ୍କା ଏକାବେଳେ ଯୋଗାଇ ଦେବା ପାଇଁ ଚାଷୀ ଲିଙ୍ଗରାଜ ବିଶ୍ୱାଳ, ଅରବିନ୍ଦ ସାହୁ, କନ୍ଦର୍ପ ପ୍ରଧାନ, ନେଙ୍କୁରୀ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ସଞ୍ଜୀବ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ଭାରପ୍ରାପ୍ତ ଶାଖା ପରିଚାଳକ ପ୍ରଶାନ୍ତ କୁମାର ସିଂ ସାମନ୍ତ କହିଛନ୍ତି, କିଛି ମାସ ତଳେ ଏହି ଶାଖାରୁ ଚୋରି ହୋଇଥିବା ଯୋଗୁ ଅଧିକ ପରିମାଣର ଟଙ୍କା ରହୁନାହିଁ। ମୁଖ୍ୟ ଶାଖାରୁ ପ୍ରତ୍ୟେକ ଦିନ ଆସୁଥିବା ଟଙ୍କା ଚାଷୀମାନଙ୍କୁ ବାଣ୍ଟି ଦିଆଯାଉଛି। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି ଶାଖା ପରିଚାଳକ ପ୍ରକାଶ କରିଛନ୍ତି।

# ୯ ଆକ୍ରାନ୍ତ, ୧୫୨ ସୁସ୍ଥ

ଅନୁଗୋଳ ଅଫିସ,୧୧।୨

ଅନୁଗୋଳ ଜିଲାରେ ଶୁକ୍ରବାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଏକ ଅଙ୍କକୁ ଖସିଆସିଛି। ଫଳରେ ଏହାକୁ ନେଇ ଜିଲାରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଜିଲାରୁ ମାତ୍ର ୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୭ ହଜାର ୯୭୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣଁରପାଳ ବ୍ଲକ ଅଞ୍ଚଳରୁ ୫ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ୨, କିଶୋରନଗର ବ୍ଲ ଅଞ୍ଚଳରୁ ଜଣେ ଓ ପାଲଲହଡା ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୧୫୨ ଜଣ କୋଭିଡ୍ରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୧ ଜଣଙ୍କ ମୃତ୍ୟୁ କରୋନା କାରଣରୁ ହୋଇଥିବା ବେଳେ ୧୬ ଲକ୍ଷ ୭୭ ହଜାର ୮୬୭ ଜଣଙ୍କୁ ଟିକା ଦିଆଯାଇସାରିଛି।

# ଷ୍ଟ୍ରଙ୍ଗ୍ ରୁମ୍ ନିରାପତ୍ତା ଯାଞ୍ଚ



ଅଧିକାରୀମାନଙ୍କ ସହିତ ଜିଲାପାଳ ଆଲୋଚନା କରୁଛନ୍ତି।

ଅନୁଗୋଳ ଅଫିସ,୧୧।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ପୋଲିଂ ଓ ପ୍ରିଜାଇଡିଂ ଅଫିସରମାନଙ୍କ ଦ୍ୱାରା ଗ୍ରହଣ କରିବାକୁ ଥିବା ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ରଗୁଡିକୁ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରିଦର୍ଶନ କରିଛନ୍ତି। ଏଥିସହ ଷ୍ଟ୍ରଙ୍ଗ୍ ରୁମ୍ ଗୁଡିକର ନିରାପତ୍ତା ସମ୍ପର୍କରେ ଯାଞ୍ଚ କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ ପାଲଲହଡ଼ା ଓ ବଣଁରପାଳ ବ୍ଲକର ବିଭିନ୍ନ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ପରିଦର୍ଶନ କରିବା ସହ ଏହାର ପରିଚାଳନା ଓ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ୧୪ ତାରିଖରେ ସମସ୍ତ ବୁଥ୍ ଖୋଲାଯାଇ ସଫାସୁତରା କରାଯିବ ଓ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ସାମଗ୍ରୀ ବିତରଣ କେନ୍ଦ୍ରଗୁଡିକରେ ପାନୀୟ ଜଳ ଓ ବିଦ୍ୟୁତ୍ ସେବା ନିରବଚ୍ଛିନ୍ନ ଭାବେ ଉପଲବ୍ଧ କରାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଭୋଟ ବାକ୍ସଗୁଡିକୁ ସୁରକ୍ଷିତ ଭାବେ ରଖିବା ନିମନ୍ତେ ପ୍ରସ୍ତୁତ ଷ୍ଟ୍ରଙ୍ଗ୍ ରୁମ୍ଗୁଡିକର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ ସମୟରେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ସମେତ ସମ୍ପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ନିୟୋଜିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମହାଯଜ୍ଞ, ମନ୍ଦିର ଭୂମିପୂଜା

କଣିହାଁ,୧୧।୨(ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଇଣ୍ଡା ଗ୍ରାମ ବାଙ୍ଗୁଲିନାଳ କୂଳରେ ଅବସ୍ଥିତ ସନ୍ଥକୃପା ହରିହର ଆଶ୍ରମଠାରେ ଶୁକ୍ରବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସାଧୁସନ୍ଥଙ୍କ ସହିତ ପଡ଼ୋଶୀ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ବଇଣ୍ଡା ଗ୍ରାମବାସୀ ପ୍ରସାଦସେବନ ବ୍ୟବସ୍ଥା ଓ ପରିଚାଳନାରେ ସହଯୋଗ କରିଥିବାବେଳେ କଳସଯାତ୍ରା, ଯଜ୍ଞରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଏହି ଅବସରରେ ଆଶ୍ରମ ପରିଚାଳକ ବ୍ରହ୍ମଚାରୀ ନିରାକାର ଦାସ ମହାରାଜଙ୍କ ପୌରୋହିତ୍ୟରେ ଏକ ଶିବ ମନ୍ଦିର ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଇଣ୍ଡା ଗ୍ରାମର ସାମାଜିକ କର୍ମୀ ତଥା ବିଜେଡି ଜିଲା ପରିଷଦ ପ୍ରାର୍ଥୀ ରଞ୍ଜନ କୁମାର ସାହୁ, ପର୍ଯ୍ୟବେକ୍ଷକ ଡ. ରମାକାନ୍ତ ଭୋଇ, ସାମାଜିକ କର୍ମୀ ସୁନୀଲ ପ୍ରଧାନ, ସରପଞ୍ଚ ପ୍ରାର୍ଥୀ ରଶ୍ମିତା ବେହେରା, ସମିତିସଭ୍ୟ ପ୍ରାର୍ଥୀ ରୁପେଲୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟବ୍ୟକ୍ତିମାନେ।

# ଅଗ୍ନିକାଣ୍ଡରେ କ୍ଷୟକ୍ଷତି



ଅନୁଗୋଳ ଅଫିସ,୧୧।୨

ଅନୁଗୋଳ ବ୍ଲକ ବନ୍ତଲା ଅଞ୍ଚଳର ବସଲା ଗାଁରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି କାନ୍ତାରୁ ବାବୁଛିଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଖବରପାଇ ଅନୁଗୋଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ଘରେ ନିଆଁ ଲାଗିଲା ତାହା ଜଣାପଡ଼ି ନାହିଁ। ପ୍ରାଥମିକ ଭାବେ କ୍ଷୟକ୍ଷତି ପରିମାଣ ୧୫ ହଜାର ଟଙ୍କା ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ତଦନ୍ତ ପରେ ପ୍ରକୃତ କ୍ଷୟକ୍ଷତି ଜଣାପଡ଼ିବ। ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ମୋବାଇଲ ମେଡିକାଲ ଭ୍ୟାନ୍ ଲୋକାର୍ପିତ

କଣିହାଁ,୧୧।୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍ଟିପିସି ପକ୍ଷରୁ ଏକ ମୋବାଇଲ ମେଡିକାଲ ଭ୍ୟାନ୍ ଲୋକାର୍ପଣ କରାଯାଇଛି। ପ୍ରକଳ୍ପ ପ୍ରଭାବିତ ୨୫ଟି ଗାଁରେ ଏହି ମେଡିକାଲ ଭ୍ୟାନ୍ ଜରିଆରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଏହାର ଲୋକାର୍ପଣ କରିଥିଲେ। ଏହି ମୋବାଇଲ ଭ୍ୟାନ୍ରେ ଜଣେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ପାଥୋଲୋଜିଷ୍ଟଙ୍କୁ ମିଶାଇ ମୋଟ୍ ୯ ଜଣ ଗ୍ରାମାଞ୍ଚଳ ବୁଲି ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ। ଏଥିସହିତ ଗର୍ଭବତୀ, ପ୍ରସୂତି ଓ ନବଜାତ ଶିଶୁମାନଙ୍କ ଉପଯୁକ୍ତ ଯତ୍ନ, ମାତୃ ଓ ଶିଶୁ ମୃତ୍ୟୁ ହାର ରୋକାଯିବା ଦିଗରେ ସଚେତନତା ସୃଷ୍ଟି ଏହି ଯୋଜନାର ଉଦ୍ଦେଶ୍ୟ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ୍) ବିଜୟ ଗୋଏଲ, ଜିଏମ୍ (ଏଚ୍ଆର୍) ପ୍ରେମ ଚାନ୍ଦ, ଜିଏମ୍ (ପ୍ରୋଜେକ୍ଟ) ରାଜେନ୍ଦ୍ର ନାଥ ଦାସ, ମୁଖ୍ୟ ଚିକିତ୍ସା ଅଧିକାରୀ ଜି. ମହାକୁଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଶୁକ୍ରବାର ଏନ୍ଟିପିସି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଏମ୍ (ଏଚ୍ଆର୍) ପ୍ରେମ ଚାନ୍ଦ ଏନ୍ଟିପିସି ପ୍ରକଳ୍ପର କାର୍ଯ୍ୟ ଏବଂ ମିଳିଥିବା ସମର୍ଥନ ସମ୍ପର୍କରେ ସୂଚନା ଦେବା ସହ ବିଭିନ୍ନ କ୍ଷେତ୍ରରେ ପ୍ରକଳ୍ପ ହାସଲ କରିଥିବା ସଫଳତା ଓ ସାମାଜିକ ଉନ୍ନତି ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ତଥ୍ୟ ରଖିଥିଲେ। ନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ଜିଏମ୍ (ଓଆଣ୍ଡଏମ୍) ବିଜୟ ଗୋଏଲ, ଜିଏମ୍ (ପ୍ରୋଜେକ୍ଟ) ରାଜେନ୍ଦ୍ରନାଥ ଦାସ, ଜିଏମ୍ (ମେଣ୍ଟେନାନ୍ସ) ଏଚ୍.ଏନ୍. ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।



ମେଡିକାଲ ମୋବାଇଲ ଭ୍ୟାନ୍ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ

## ଢେଙ୍କାନାଳ ପୌରାଞ୍ଚଳରେ ୫୧,୧୪୯ ଭୋଟର

ଢେଙ୍କାନାଳ ଅଫିସ, ୧୧।୨

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଭୋଟର ତାଲିକା ପ୍ରକାଶ ପାଇଛି। ପୌରାଞ୍ଚଳର ୨୩ ୱାର୍ଡରେ ମୋଟ ଭୋଟର ସଂଖ୍ୟା ୫୧ ହଜାର ୧୪୯ ବୋଲି ଜଣାପଡ଼ିଛି। ତନ୍ମଧ୍ୟରେ ୧ନଂ. ୱାର୍ଡରେ ୩ ହଜାର ୫୧୭, ୨ନଂ.ରେ ୧ ହଜାର ୨୭୫, ୩ନଂ.ରେ ୧ ହଜାର ୬୯୪, ୪ନଂ.ରେ ୨ ହଜାର ୪୫୩, ୫ନଂ.ରେ ୧ ହଜାର ୫୫୧, ୬ନଂ.ରେ ୧ ହଜାର ୩୮୭, ୭ନଂ.ରେ ୩ ହଜାର ୪୯୭, ୮ନଂ.ରେ ୨ହଜାର ୨୫୪, ୯ନଂ.ରେ ୩ ହଜାର ୧୨୭, ୧୦ନଂ.ରେ ୪ ହଜାର ୯୨, ୧୧ନଂ.ରେ ୨ ହଜାର ୨୩୦, ୧୨ନଂ.ରେ ୨ ହଜାର ୧୧୮, ୧୩ନଂ.ରେ ୨ ହଜାର ୭୮୯, ୧୪ନଂ.ରେ ୧ ହଜାର ୭୩୨, ୧୫ନଂ.ରେ ୧ ହଜାର ୯୫୧, ୧୬ନଂ.ରେ ୧ ହଜାର ୭୦୫, ୧୭ନଂ.ରେ ୨ ହଜାର ୧୩୯, ୧୮ନଂ.ରେ ୧ ହଜାର ୭୯୮, ୧୯ନଂ.ରେ ୨ ହଜାର ୨୩୭, ୨୦ନଂ.ରେ ୨ ହଜାର ୫୬୫, ୨୧ନଂ.ରେ ୧ ହଜାର ୮୧୮, ୨୨ନଂ.ରେ ୧ ହଜାର ୬୧୯ ଏବଂ ୨୩ନଂ. ୱାର୍ଡରେ ୧ ହଜାର ୬୦୧ ଭୋଟର ରହିଛନ୍ତି। ପୌରାଞ୍ଚଳର ୧୦ନଂ. ୱାର୍ଡରେ ସର୍ବାଧିକ ଏବଂ ୨ନଂ. ୱାର୍ଡରେ ସର୍ବନିମ୍ନ ମତଦାତା ରହିଛନ୍ତି। ପ୍ରକାଶିତ ଭୋଟର ତାଲିକାକୁ ନେଇ ଆପତ୍ତି ଅଭିଯୋଗ ଉପରେ ଶୁଣାଣି ହେବ। ଫେବୃୟାରୀ ୨୪ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି।




ତହସିଲ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଗଣସତ୍ୟାଗ୍ରହ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଛେଣ୍ଡିପଦା,୧୧।୨(ସ୍ୱ.ପ୍ର.)
ଛେଣ୍ଡିପଦା ବ୍ଲକର ଚିଟଫଣ୍ଡର ଶିକାର ହୋଇଥିବା ଜମାକରୀମାନଙ୍କ ଟଙ୍କା ଫେରସ୍ତ ଓ ତହସିଲ ଜରିଆରେ ଚିହ୍ନଟ ପାଇଁ ଶୁକ୍ରବାର ୩୫ରୁ ଊର୍ଦ୍ଧ୍ୱ ଜମାକାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ଆହ୍ୱାନରେ ଛେଣ୍ଡିପଦା ବ୍ଲକର ଜମାକାରୀମାନେ ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ତହସିଲ ସମ୍ମୁଖରେ ଗଣସତ୍ୟାଗ୍ରହ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଡାନିଏଲ ଏକ୍କାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କମିଶନଙ୍କ ଦ୍ୱାରା ସୁପାରିଶ ହୋଇଥିବା ଜମାକାରୀଙ୍କ କର୍ପସ ଫଣ୍ଡ ତୁରନ୍ତ ଫେରସ୍ତ, କ୍ଷତିଗ୍ରସ୍ତ ଜମାକାରୀଙ୍କ ତହସିଲ ଜରିଆରେ ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ, ପ୍ରତ୍ୟେକଙ୍କ ପରିପକ୍ୱ ରାଶି ଉପରେ ସୁଧ ସହ ଫେରସ୍ତ, ଅସାଧୁ କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରି ସେହି ମୂଲ୍ୟକୁ ଜମାକାରୀଙ୍କୁ ପ୍ରଦାନ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ଏ ନେଇ ପଦକ୍ଷେପ ନ ନେଲେ ଗଣସତ୍ୟାଗ୍ରହକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ବେହେରା, ନାରାୟଣ ନାଏକ, ପଦନ ବେହେରା, ନୀଳମଣି ପଣ୍ଡା, ପତି ସାହୁ, ରଞ୍ଜନ ଗଡନାୟକ, ଉମେଶ ଚନ୍ଦ୍ର ଦାସ ଓ ଗୋପବନ୍ଧୁ ଗଡନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦେଢ଼ଘଣ୍ଟା ତାଣ୍ଡବ କଲା ଦନ୍ତା

ପରଜଙ୍ଗ, ୧୧।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଁଳାକଟା ଗ୍ରାମ ଦଳିତ ସାହିରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଏକ ଦନ୍ତାହାତୀ ପ୍ରାୟ ଦେଢ଼ଘଣ୍ଟା ଧରି ତାଣ୍ଡବ ସୃଷ୍ଟି କରିଛି। ଉକ୍ତ ହିଂସ୍ର ହାତୀ ଚଉବନ ନାଏକଙ୍କ ଚାଳଛପର ଭାଙ୍ଗି ଘରେ ଥିବା ଧାନଚାଉଳ ଖାଇଯାଇଛି। ତେବେ ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଲୋକେ ଘରୁ ବାହାରିଯାଇଥିଲେ। ଫଳରେ ସେମାନେ ଦନ୍ତା ମୁହଁରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲୋକମାନେ ହୋହଲ୍ଲା କରିବାରୁ ହାତୀ ପଳାଇଥିଲା। ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ୍ରେ ହାତୀ ଉପଦ୍ରବ ନିତିଦିନିଆ ସମସ୍ୟା ହୋଇଛି। ଏହାକୁ ନେଇ ଗ୍ରାମବାସୀ ଭୟଆତଙ୍କରେ ଦିନ କାଟୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ, ଯାହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସୂଚନା ପାଇ ସାଆନ୍ଦା ବିଟ୍ରେ ନିୟୋଜିତ ଗାର୍ଡ ନିରଞ୍ଜନ ନାଏକ ପହଞ୍ଚି ତଦନ୍ତ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଦନ୍ତାହାତୀ ଚଉବନ ନାଏକଙ୍କ ଘର ଭାଙ୍ଗି ଧାନଚାଉଳ ନଷ୍ଟ କରିଦେଇଛି।

# ଆସିଲେନି, ହିସାବ ଦେଲେନି

## ପ୍ରାର୍ଥୀଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

ଢେଙ୍କାନାଳ ଅଫିସ, ୧୧।୨
ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଠିକ୍ ଭାବେ ଖର୍ଚ୍ଚ ବିବରଣୀ ରଖୁନାହାନ୍ତି। ସମୀକ୍ଷା ବୈଠକରେ ମଧ୍ୟ ଉପସ୍ଥିତ ରହୁନାହାନ୍ତି, ଯାହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ଜିଲା ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଦୟାନିଧି ନାୟକ। ନିର୍ବାଚନ ପରିଚାଳନାରେ ଖର୍ଚ୍ଚ ହିସାବ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ସମସ୍ତ ବିବରଣୀକୁ ତ୍ରୁଟିମୁକ୍ତ କରି ଉପସ୍ଥାପନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଜିଲା ପରିଷଦ ପ୍ରାର୍ଥୀ ଏବଂ ସେମାନଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଖର୍ଚ୍ଚ ସମୀକ୍ଷା



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀଙ୍କ ଖର୍ଚ୍ଚର ସମୀକ୍ଷା କରାଯାଉଛି।

କରାଯାଇଥିଲା। ତେବେ ଅଧିକାଂଶ ପ୍ରାର୍ଥୀ କିମ୍ବା ଏଜେଣ୍ଟ ଆସି ନ ଥିଲେ। ଯେଉଁମାନେ ଆସିଥିଲେ ସେମାନଙ୍କ ମଧ୍ୟରୁ ୯୦% ପ୍ରାର୍ଥୀ ଖର୍ଚ୍ଚର ହିସାବ ଖାତା ଆଣି ନ ଥିଲେ। କେହି ଜଣେ ବି ପ୍ରାର୍ଥୀ ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ଖର୍ଚ୍ଚର ପୂର୍ଣ୍ଣାଙ୍ଗ ବିବରଣୀ ରଖୁ ନ ଥିବା ସମୀକ୍ଷା ବେଳେ ଜଣାପଡ଼ିଛି। ତେଣୁ ପରବର୍ତ୍ତୀ ବୈଠକରେ ତ୍ରୁଟିଶୂନ୍ୟ ଏବଂ ପୂର୍ଣ୍ଣାଙ୍ଗ ଖର୍ଚ୍ଚ ବିବରଣୀ ଉପସ୍ଥାପନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହିତ ଏସ୍କର୍ଟ ଅଫିସର ପ୍ରକାଶ ମୁର୍ମୁ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସହକାରୀ ଜିଲାପାଳ ହରିହର ପଞ୍ଛୁଆତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପୂର୍ବାହ୍ନରେ ସଦର ବ୍ଲକରେ ଏବିଡିଓ ଝାଡେଶ୍ୱର ଦାସ, ଜିପିଇଓ ଅନିତା ଦାସ, ବିତ୍ତ ଅଧିକାରୀ ସଞ୍ଜୟ କୁମାର ରାଉଳଙ୍କ ଉପସ୍ଥିତିରେ ପ୍ରାର୍ଥୀଙ୍କ ଖର୍ଚ୍ଚ ବିବରଣୀର ସମୀକ୍ଷା କରାଯାଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଧାରିତ ଫର୍ମ ୧ ଓ ୨ ଆଧାରରେ ପ୍ରାର୍ଥୀମାନେ ବିବରଣୀ ପ୍ରଦାନ କରି ନ ଥିଲେ। ତୁରନ୍ତ ଏହାକୁ ଠିକ୍ ଭାବେ ଉପସ୍ଥାପନ କରିବାକୁ ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଛନ୍ତି।

